# NATIONAL NEWS BULLETIN (ODIA)
## 19 March - 2025
## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ମହାକାଶଚାରୀ ସୁନିତା ୱିଲିୟମସ ଓ ବୁଚ୍ ୱିଲ୍‌ମୋରଙ୍କ ପୃଥିବୀପୃଷ୍ଠକୁ ସଫଳ ପ୍ରତ୍ୟାବର୍ତ୍ତନ
- ଆଞ୍ଚଳିକ ଓ ବୈଶ୍ୱିକ ପ୍ରସଙ୍ଗ ନେଇ ଗତକାଲି ନୂଆଦିଲ୍ଲୀଠାରେ ବିଭିନ୍ନ ରାଷ୍ଟ୍ରର ନେତାଙ୍କ ସହ  ବୈଦେଶିକ ବ୍ୟାପାରମନ୍ତ୍ରୀଙ୍କ ଆଲୋଚନା
- ସଂସଦରେ ବିତର୍କର ଡାଟାବେସ୍ ପ୍ରସ୍ତୁତ ନେଇ ଭାରତ ଏ.ଆଇ. ମିଶନ ଓ ଲୋକସଭା ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ
- ରୁଷ-ୟୁକ୍ରେନ୍ ସଂଘର୍ଷର ଅସ୍ତ୍ରବିରତି ନେଇ ଟ୍ରମ୍ପ ଓ ପୁଟିନଙ୍କ ମଧ୍ୟରେ ଅଲୋଚନା

ଏବଂ

- କବାଡି ବିଶ୍ୱକପ୍ ପ୍ରତିଯୋଗିତାର ପୁରୁଷବର୍ଗ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଆଜି ଭାରତ-ହଂକଂ ମଧ୍ୟରେ ହେବ ମୁକାବିଲା

## ସୁନିତା-ରିଟର୍ଣ୍ଣ

ମହାକାଶଚାରୀ ସୁନିତା ୱିଲିୟମସ ଓ ବୁଚ୍ ୱିଲ୍‌ମୋର ଆଜି ସକାଳେ ସ୍ପେସ୍ ଏକ୍ସ ର କ୍ରୁ ଡ୍ରାଗନ୍ ମହାକାଶ ଯାନରେ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଆମେରିକାର ଫ୍ଲୋରିଡାସ୍ଥିତ ପାମ୍ ହାଣ୍ଡ୍‌ଲେ ର ତଲ୍ଲାହାସୀ ଉପକୂଳରେ ଏହି କ୍ୟାପ୍‌ସୁଲ୍ ଅବତରଣ କରିଛି । ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ପ୍ରାୟ ୯ ମାସ ଧରି ରହିବା ପରେ ସେମାନେ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ବୋଇଂ ଷ୍ଟାର୍‌ଲାଇନର୍ ମହାକାଶଯାନର ପ୍ରଥମ କ୍ରୁ ମିଶନରେ ଏହି ଦୁଇ ମହାକାଶଚାରୀ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରକୁ ଗତବର୍ଷ ଜୁନ୍ ମାସରେ ଯାଇଥିଲେ । ବୈଷୟିକ ତ୍ରୁଟି ଯୋଗୁଁ ସେମାନଙ୍କର ପ୍ରତ୍ୟାବର୍ତ୍ତନ ବିଳମ୍ବିତ ହୋଇଥିଲା । ଦୁଇ ମହାକାଶଚାରୀ ମହାକାଶରେ ୨୮୬ ଦିନ ଅତିବାହିତ କରିଥିଲେ । ଗତ ରବିବାର ୪ ଜଣ କ୍ରୁ-୧୦ ମହାକାଶଚାରୀ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ପହଞ୍ଚି ୱିଲିୟମ୍ସ ଏବଂ ୱିଲ୍‌ମୋରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି ।

## ଜୟଶଙ୍କର-ରାଇସିନା

ନୂଆଦିଲ୍ଲୀଠାରେ ଚାଲିଥିବା ରାଇସିନା ଆଲୋଚନା ସମ୍ମିଳନୀ ପରିପ୍ରେକ୍ଷୀରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ବିଭିନ୍ନ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗ ନେଇ ଗତକାଲି ବିଶ୍ୱସ୍ତରୀୟ ନେତାଙ୍କ ସହ ଆଲୋଚନା କରିଛନ୍ତି । ବ୍ରିଟିଶ ଏନ୍.ଏସ୍.ଏ. ଜୋନାଥନ

ପାଓ୍ୱେଲଙ୍କ ସହ ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ବୈଶ୍ୱିକ ସୁରକ୍ଷା ପ୍ରସଙ୍ଗ ନେଇ ମତ ବିନିମୟ କରିଛନ୍ତି ।

ନେପାଳ, ଥାଇଲ୍ୟାଣ୍ଡ, ଲକ୍ସମବର୍ଗ, ଲାଟିଭିଆ ଏବଂ ମାଳଦ୍ୱୀପ ସମେତ ଅନ୍ୟ କେତେକ ଦେଶର ପ୍ରତିପକ୍ଷ ଏବଂ ଡକ୍ଟର ଜୟଶଙ୍କରଙ୍କ ମଧ୍ୟରେ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର ଏ ସଂପର୍କରେ ସୂଚନା ଦେଇଛନ୍ତି । ଆନ୍ତର୍ଜାତିକ ଆଣବିକ ଶକ୍ତି ସଂସ୍ଥାର ମହାନିର୍ଦ୍ଦେଶକ ରାଫେଲ ମାରିଆନୋ ଗ୍ରୋସି ଙ୍କ ସହ ମଧ୍ୟ ଆଲୋଚନା ହୋଇଥିବା ଡକ୍ଟର ଜୟଶଙ୍କର କହିଛନ୍ତି ।

ନେପାଳ ପ୍ରତିପକ୍ଷ ଆର୍‌ଜୁ ରାଣା ଦେଓବାଙ୍କ ସହ ଦ୍ୱିପାକ୍ଷିକ ସହଯୋଗର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିବା ମନ୍ତ୍ରୀ କହିଛନ୍ତି ।

ଆଲୋଚନା ପରେ ନେପାଳ ବୈଦେଶିକ ମନ୍ତ୍ରୀ କହିଛନ୍ତି, ଦୁଇଦେଶ ମଧ୍ୟରେ ବିଭିନ୍ନ କାର୍ଯ୍ୟକଳାପ, ଜନସାଧାରଣଙ୍କ ମଧ୍ୟରେ ସହଯୋଗ ବୃଦ୍ଧି ଏବଂ କୂଟନୈତିକ ସଂପର୍କ ବୃଦ୍ଧି ନେଇ ଫଳପ୍ରଦ ଆଲୋଚନା ହୋଇଛି। ପାରସ୍ପରିକ ସହଯୋଗ, ବାଣିଜ୍ୟ ପରିବହନ ଓ ଜଳସମ୍ପଦ ବିକାଶ ପ୍ରସଙ୍ଗ ଆଲୋଚନାରେ ସ୍ଥାନ ପାଇଥିଲା ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ, ନୂଆଦିଲ୍ଲୀଠାରେ ଗତ ସୋମବାର ଠାରୁ ରାଇସିନା ଆଲୋଚନା ସମ୍ମିଳନୀ ଆରମ୍ଭ ହୋଇଛି ।

## ରାଜନାଥ-ନେଦରଲ୍ୟାଣ୍ଡ୍ସ

ଭାରତ ଏବଂ ନେଦରଲ୍ୟାଣ୍ଡ୍ସ ମଧ୍ୟରେ  ଦ୍ୱିପାକ୍ଷିକ, ପ୍ରତିରକ୍ଷା, ନିରାପତ୍ତା, ସୂଚନା ଆଦାନ ପ୍ରଦାନ, ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ, ନୂତନ ଏବଂ ଆଧୁନିକ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସଯୋଗ ବୃଦ୍ଧି ନେଇ ଆଲୋଚନା ହୋଇଛି । ନୂଆଦିଲ୍ଲୀଠାରେ ଗତକାଲି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଏବଂ ନେଦରଲ୍ୟାଣ୍ଡ୍ସ ପ୍ରତିପକ୍ଷ ରୁବେନ୍ ବ୍ରେକେଲ୍‌ମ୍ୟାନ୍‌ସଙ୍କ ମଧ୍ୟରେ ଏହି ଆଲୋଚନା ହୋଇଛି । ଜାହାଜ ନିର୍ମାଣ, ଉପକରଣ ଏବଂ ମହାକାଶ କ୍ଷେତ୍ରରେ ଦ୍ୱିପାକ୍ଷିକ ଭାଗିଦାରୀ ପାଇଁ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଜଣାପଡ଼ିଛି । ପ୍ରତିରକ୍ଷା ପ୍ରଯୁକ୍ତି ଗବେଷଣା ପ୍ରତିଷ୍ଠାନ ଓ ସଂଗଠନଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା ଏବଂ କୃତ୍ରିମ ବୁଦ୍ଧିମତ୍ତା ଓ ଆନୁଷଙ୍ଗିକ ଜ୍ଞାନ କୌଶଳ ଭଳି କ୍ଷେତ୍ର ଉପରେ ମିଳିତ ଭାବେ କାର୍ଯ୍ୟକରିବାକୁ ଉଭୟ ନେତା ମତ ବିନିମୟ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରତିରକ୍ଷାମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି, ଦୁଇଦେଶ ମଧ୍ୟରେ ପ୍ରତିରକ୍ଷା ଭାଗିଦାରୀକୁ ଏହି ଆଲୋଚନା ଅଧିକ ସୁଦୃଢ଼ କରିବ ।

## ଏଆଇ- ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀଠାରେ ଗତକାଲି ଲୋକସଭା ଏବଂ ଭାରତ କୃତ୍ରିମ ବୁଦ୍ଧିମତ୍ତା ମିଶନ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏବଂ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇ.ଟି. ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଗଣମାଧ୍ୟମକୁ ଏ ସଂପର୍କରେ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ଏକ ଡାଟାବେସ୍ ପ୍ରସ୍ତୁତ କରାଯିବ । ଏଥିରେ ଲୋକସଭାର ବିତର୍କଗୁଡ଼ିକୁ ଯେକୌଣସି ଭାରତୀୟ ଭାଷାରେ ଅନୁବାଦ କରାଯାଇ ପାରିବ । ଗବେଷଣା କ୍ଷେତ୍ରରେ ଏହା ବିଶେଷ ସହାୟକ ହେବ ବୋଲି ସେ କହିଛନ୍ତି । କୃତ୍ରିମ ବୁଦ୍ଧିମତ୍ତାକୁ ବ୍ୟବହାର କରି ଏକ ବ୍ୟାପକ ଭାଷାଗତ କ୍ଷେତ୍ର ସୃଷ୍ଟି କରିବା ଏହି ବୁଝାମଣାପତ୍ରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ।

**V/O**

## ଟ୍ରମ୍ପ-ପୁଟିନ୍

ରୁଷ୍-ୟୁକ୍ରେନ୍ ସଂଘର୍ଷର ଅସ୍ତ୍ର ବିରତି ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ୍ଙ୍କ ମଧ୍ୟରେ ଆଲୋଚନା ହୋଇଛି । ୯୦ ମିନିଟ୍ ଧରି ଅନୁଷ୍ଠିତ ଏହି ଆଲୋଚନାରେ ଶକ୍ତି ଭିତ୍ତିଭୂମିଗୁଡ଼ିକ ଉପରେ ଆକ୍ରମଣକୁ ୩୦ ଦିନ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ସହମତି ପ୍ରକାଶ ପାଇଥିବା ଜଣାପଡ଼ିଛି ।

ତେବେ ଏଭଳି ପ୍ରସ୍ତାବ ଉପରେ ୟୁକ୍ରେନ୍ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହିଁ । ଅନ୍ୟପକ୍ଷରେ କ୍ରେମ୍ଲିନ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସମ୍ପୂର୍ଣ୍ଣ ଅସ୍ତ୍ରବିରତିକୁ ରୁଷ୍ ରାଷ୍ଟ୍ରପତି ବିରୋଧ କରୁଥିବା ଜଣାପଡ଼ିଛି । ୯୦ ମିନିଟ୍ର ଏହି ଟେଲିଫୋନ୍ କଥାବାର୍ତ୍ତାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସ୍ଥାନ ପାଇଥିଲା ବୋଲି କ୍ରେମ୍ଲିନ୍ ସୂଚନା ଦେଇଛି । ମଧ୍ୟପ୍ରାଚ୍ୟରେ ୟୁକ୍ରେନ୍ ଶାନ୍ତି ଆଲୋଚନା ଖୁବ୍ଶୀଘ୍ର ଆରମ୍ଭ କରାଯିବ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି ।  ରାଷ୍ଟ୍ରପତି ଟ୍ରମ୍ପ ରୁଷ୍ ରାଷ୍ଟ୍ରପତିଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ହୋଇଥିବା ସୂଚନା ଦେଇଛନ୍ତି । ଉଭୟ ପକ୍ଷ ମଧ୍ୟରେ ସଂପୂର୍ଣ୍ଣ ଅସ୍ତ୍ର ବିରତି ପାଇଁ ଏହି ଆଲୋଚନା ଭିତ୍ତିଭୂମି ସୃଷ୍ଟି କରିବ ବୋଲି ଶ୍ରୀ ଟ୍ରମ୍ପ ଆଶା ବ୍ୟକ୍ତ କରିଛନ୍ତି । ଅନ୍ୟପକ୍ଷରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଦମୀର ଜେଲେନ୍ସ୍କି ଅଭିଯୋଗ କରି କହିଛନ୍ତି, ଯୁଦ୍ଧ ସମାପ୍ତ କରିବାକୁ ରୁଷ୍ ଇଚ୍ଛା ପ୍ରକାଶ କରୁନାହିଁ ।

## ଏମ୍ଇଏ-ପାକିସ୍ତାନ

ଜାମ୍ମୁ କାଶ୍ମୀରରେ ଶାନ୍ତି ଓ ନିରାପତ୍ତା ପ୍ରତିଷ୍ଠା ଦିଗରେ ଆତଙ୍କବାଦକୁ ପାକିସ୍ତାନର ପ୍ରୋତ୍ସାହନ ପ୍ରଦାନ ଏକ ବଡ଼ ପ୍ରତିବନ୍ଧକ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି । ଗଣମାଧ୍ୟମ ସହ ଆଲୋଚନା ବେଳେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ପାକିସ୍ତାନ ମିଥ୍ୟା ପ୍ରଚାର ଠାରୁ ଦୂରେଇ ରହିବା ଉଚିତ ।

ବେଆଇନ ଏବଂ ବଳପୂର୍ବକ ଭାବେ ଦଖଲରେ ରଖିଥିବା ଭାରତୀୟ ଅଞ୍ଚଳକୁ ପାକିସ୍ତାନ ମୁକ୍ତ କରିବା ଉଚିତ ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

## ଏମ୍‌ପି-ଆକ୍ସିଡେଣ୍ଟ

ମଧ୍ୟପ୍ରଦେଶର ଶିବପୁରୀ ଜିଲ୍ଲା ଅନ୍ତର୍ଗତ ମାତାଟିଲା ଡ୍ୟାମ୍‌ରେ ଏକ ଡଙ୍ଗା ବୁଡ଼ି ଘଟଣାରେ ୭ ଜଣ ନିଖୋଜ ଅଛନ୍ତି । ୧୫ ଜଣ ଶ୍ରଦ୍ଧାଳୁଙ୍କୁ ନେଇ ଯାଉଥିବା ଏହି ଡଙ୍ଗାଟି ବୁଡ଼ି ଯାଇଥିଲା । ୮ ଜଣଙ୍କୁ ଉଦ୍ଧାର କରାଯାଇଛି । ଏସ୍‌ଡିଆରଏଫ୍ ସହାୟତାରେ ନିଖୋଜଙ୍କର ତଲାସି କାର୍ଯ୍ୟ ଜାରି ରହିଛି । ଡ୍ୟାମ ମଧ୍ୟରେ ଏକ ଦ୍ୱୀପରେ ଥିବା ମନ୍ଦିରକୁ ଦର୍ଶନ କରିବାକୁ ଶ୍ରଦ୍ଧାଳୁମାନେ ଯାଉଥିଲେ । ଜିଲ୍ଲାପାଳ ରବୀନ୍ଦ୍ର କୁମାର ଚୌଧୁରୀ, ଆରକ୍ଷୀ ଅଧିକ୍ଷକ ଅମନ ସିଂ ରାଠୋରଙ୍କ ସମେତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟର ତଦାରଖ କରିଛନ୍ତି । ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ।

## ଏଲ୍‌ଏସ୍-ରେଲୱେ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଭାରତୀୟ ରେଳବାଇକୁ ଏକ ଆଧୁନିକ, ଦକ୍ଷ ଏବଂ ପରିବେଶ ଅନୁକୂଳ ସ୍ଥାୟୀ ପରିବହନ ବ୍ୟବସ୍ଥାରେ ପରିଣତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଛନ୍ତି । ଲୋକସଭାରେ ଗତକାଲି ରେଳ ମନ୍ତ୍ରଣାଳୟର କାର୍ଯ୍ୟକାରିତା

ସଂପର୍କରେ ଆଲୋଚନାର ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ବୈଷ୍ଣବ ଏହା କହିଛନ୍ତି । ସେ କହିଛନ୍ତି ଭାରତୀୟ ରେଳବାଇର ଆର୍ଥିକସ୍ଥିତି ଭଲ ରହିଛି ଏବଂ ଏହାକୁ ଅଧିକ ଉନ୍ନତ କରିବା ପାଇଁ ସରକାର କାର୍ଯ୍ୟ କରୁଛନ୍ତି । ଗତ ୧୦ ବର୍ଷ ମଧ୍ୟରେ ଭାରତୀୟ ରେଳବାଇରେ ୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ୧ ଲକ୍ଷରୁ ଅଧିକ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି ।  ସେ କହିଛନ୍ତି, ୨୦୨୦ ମସିହା ପରଠାରୁ ଯାତ୍ରୀ ଭଡ଼ା ଅପରିବର୍ତ୍ତିତ ରହିଛି । ଅନ୍ୟ ଦେଶଗୁଡ଼ିକ ତୁଳନାରେ ଭାରତରେ ଯାତ୍ରୀ ଭଡ଼ା କମ୍ ରହିଛି ବୋଲି ସେ କହିଛନ୍ତି ।

ଟ୍ରେନ୍ ଚଳାଚଳର ସମୟାନୁବର୍ତ୍ତିତା ସଂପର୍କରେ ଉଲ୍ଲେଖ କରି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ରିୟଲ୍ ଟାଇମ୍ ମନିଟରିଂ, ଉନ୍ନତ ସିଗ୍ନାଲ ସିଷ୍ଟମ ଏବଂ ଏ.ଆଇ. ଦ୍ୱାରା ପରିଚାଳିତ ସମୟ ନିର୍ଦ୍ଧାରଣ ଓ ସମୟ ଉପଯୋଗୀ ରକ୍ଷଣାବେକ୍ଷଣ ଦ୍ୱାରା ଏ କ୍ଷେତ୍ରରେ ୯୦ପ୍ରପତିଶତରୁ ଅଧିକ ସଫଳତା ହାସଲ ହୋଇଛି । ପର୍ବପର୍ବାଣୀ ସମୟରେ ଯାତ୍ରୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି ରେଳବାଇ ପକ୍ଷରୁ ରେକର୍ଡ ସଂଖ୍ୟକ ଟ୍ରେନ୍ ଚଳାଚଳର ବ୍ୟବସ୍ଥା କରାଯାଇଛି ।

ଶ୍ରୀ ବୈଷ୍ଣବ କହିଛନ୍ତି,  ରେଳ ଦୁର୍ଘଟଣା ହ୍ରାସ କରିବାକୁ ସରକାର ଗୁରୁତ୍ୱ ପ୍ରଦାନ କରିଛନ୍ତି । ରେଳବାଇ କ୍ଷେତ୍ରରେ ଅନେକ ବୈଷୟିକ ପରିବର୍ତ୍ତନ କରାଯାଇଛି ଏବଂ ସୁରକ୍ଷା ବ୍ୟବସ୍ଥାରେ ମଧ୍ୟ ଉନ୍ନତି ଅଣାଯାଇଛି ।

ଭାରତୀୟ ରେଳବାଇ ଏକ ବଡ଼ ରପ୍ତାନୀକାରୀ ସଂସ୍ଥା ଭାବେ ନିଜକୁ ପ୍ରତିପାଦନ କରିଛି । ଅଷ୍ଟ୍ରେଲିଆକୁ ମେଟ୍ରୋ କୋଚ୍, ବ୍ରିଟେନ୍, ସାଉଦିଆରବ ଏବଂ ଫ୍ରାନ୍ସକୁ ଯାତ୍ରୀବାହି କୋଚ୍, ମେକ୍ସିକୋ, ସ୍ପେନ୍, ଜର୍ମାନୀ ଏବଂ ଇଟାଲୀକୁ ରେଳ ଚଳାଚଳ ଉପକରଣ ରପ୍ତାନୀ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି ।

## କବାଡ଼ି ଓ୍ୱାର୍ଲଡ କପ୍

କବାଡ଼ି ବିଶ୍ୱକପ୍-୨୦୨୫ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଗତକାଲି ପୁରୁଷବର୍ଗରେ ଭାରତ ଏବଂ ସ୍କଟଲ୍ୟାଣ୍ଡ୍ ମଧ୍ୟରେ ପ୍ରତିଯୋଗିତା ଅମୀମାଂସିତ ଭାବେ ଶେଷ ହୋଇଛି । ଇଂଲଣ୍ଡର ଓ୍ୱଲ୍‌ଭର୍ ହାମ୍ପଟନ୍ ଠାରେ ଗତରାତିରେ ଅନୁଷ୍ଠିତ ମ୍ୟାଚ୍‌ରେ ଉଭୟ ଦଳ ୬୪ ପଏଣ୍ଟ ଲେଖାଏଁ ହାସଲ କରିଥିଲେ ।

ଆଜି ଭାରତ’ ହଙ୍ଗକଙ୍ଗ ଚାଇନାକୁ ଭେଟିବାକୁ ଥିବାବେଳେ ସ୍କଟଲ୍ୟାଣ୍ଡ ଓ ଇଟାଲୀ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ଅନ୍ୟପକ୍ଷରେ ମହିଳା ବର୍ଗରେ ଭାରତ ଓ୍ୱେଲ୍‌ସ୍‌କୁ ୮୯-୧୮ ପଏଣ୍ଟରେ ପରାସ୍ତ କରିଛି । ଅନ୍ୟଏକ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଇଂଲଣ୍ଡ’ ହଙ୍ଗେରୀକୁ ୮୫-୧୫ ପଏଣ୍ଟରେ ହରାଇ ଦେଇଛି ।